SPECIAL PROGRAMME ON

PROMOTION OF AGRICULTURE PRODUCTION CLUSTERS (APCS) IN TRIBAL REGIONS OF ODISHA

କୁକୁଡ଼ା ପାଳନ

ପ୍ରଶିକ୍ଷଣ ପୁସ୍ତିକା



@ApcOdisha

YouTube APC Odisha

ANUGUL

SPECIAL PROGRAMME ON

PROMOTION OF AGRICULTURE PRODUCTION CLUSTERS (APCS) IN TRIBAL REGIONS OF ODISHA

କୁକୁଡ଼ା ପାଳନ

ପ୍ରଶିକ୍ଷଣ ପୁସ୍ତିକା



@ApcOdisha

YouTube APC Odisha

SUNDERGARH

SPECIAL PROGRAMME ON

PROMOTION OF AGRICULTURE PRODUCTION CLUSTERS (APCS) IN TRIBAL REGIONS OF ODISHA

କୁକୁଡ଼ା ପାଳନ

ପ୍ରଶିକ୍ଷଣ ପୁସ୍ତିକା



@ApcOdisha

APC Odisha

KEONJHAR

ସୂଚୀପତ୍ର


	ବିଷୟ	ପୃଷ୍ଠା
୧.	ଆମ ଶରୀର ପାଇଁ ଅଣ୍ଡା ଏବଂ ମାଂସର ଆବଶ୍ୟକତା	୦୧
୨.	ଆମ ଦେଶରେ ମିଳୁଥିବା କୁକୁଡ଼ା ପ୍ରଜାତି	୦୩
୩.	ବିଭିନ୍ନ ଉଦ୍ଦ୍ୟେଶରେ କରାଯାଉଥିବା କୁକୁଡ଼ା ପାଳନ	୦୫
୪.	ବିଭିନ୍ନ ପଦ୍ଧତି ରେ କୁକୁଡ଼ା ପାଳନ	୦୬
୫.	ଘର ଅଗଣାରେ କୁକୁଡ଼ା ପାଳନ କାହିଁକି	୦୭
୬.	ଦେଶୀକୁକୁଡ଼ା ପାଳନରୁ ବାର୍ଷିକ ଲାଭ	୦୮
୭.	କୁକୁଡ଼ା ଖାଦ୍ୟ	୧୦
୮.	କୁକୁଡ଼ା ଘର	୧୨
୯.	କୁକୁଡ଼ା ଅଣ୍ଡା ଦେବା ଏବଂ ଅଣ୍ଡାର ଯତ୍ନ	
	(କ) ବସାର ଆବଶ୍ୟକତା	୧୪
	(ଖ) ଅଣ୍ଡା ସାଇତିବା ଓ ଉଷୁମେଇବା	୧୪
	(ଗ) ଅଣ୍ଡାର ଆଲୋକ ପରୀକ୍ଷା	୧୫
୧୦.	କୁକୁଡ଼ାର ମୁଖ୍ୟ ରୋଗ ଏବଂ ନିରାକରଣ	
	(କ) ଅନ୍ତଃ ପରଜୀବୀ ଜନିତ ରୋଗ	୧୬
	(ଖ) ବାହ୍ୟ ପରଜୀବୀ ଜନିତ ରୋଗ	୧୮
	(ଗ) ଭୂତାଣୁ ଜନିତ ରୋଗ	୧୮
	(ଘ) ବୀଜାଣୁ ଜନିତ ରୋଗ	
୧୧.	ପ୍ରତିଷେଧକ ଟୀକା କ'ଣ	
	(କ) କୋଲ୍‌ଡ଼–ଚେନ୍ ସୁପରିଚାଳନା	୨୪
	(ଖ) ଫ୍ରିଜ୍ ପରିଚାଳନା ବିଷୟରେ	୨୬
୧୨.	ପ୍ରାଣୀ ମିତ୍ରଙ୍କ ବିଷୟରେ	୨୭
୧୩.	ବଜାର ବ୍ୟବସ୍ଥା	୨୮
୧୪.	ଗାଁରେ କୁକୁଡ଼ା ଚାଷୀ ସଂଗଠନର ଆବଶ୍ୟକତା	୨୮



୧. ଆମ ଶରୀର ପାଇଁ ଅଣ୍ଡା ଏବଂ ମାଂସ ର ଆବଶ୍ୟକତା

ଶରୀର ସୁସ୍ଥ ରହିବା ପାଇଁ ଆମେ ଉତ୍ତମ ଖାଦ୍ୟ ନିହାତି ଖାଇବା ଦରକାର । ଏହା ଦ୍ୱାରା ଆମକୁ କାମ କରିବା ପାଇଁ ଶକ୍ତି ମିଳିବା ସହିତ ଅନେକ ପୁଷ୍ଟିକର ଉପାଦାନ ମିଳିଥାଏ । ଜଣେ ବୟସ୍କ ବ୍ୟକ୍ତି ଦୈନିକ ପ୍ରାୟ ୪୦୦ଗ୍ରା. ଚାଉଳ ବା ଗହମ, ୫୦ଗ୍ରା. ଡ଼ାଲି, ୨୦ଗ୍ରା. ତେଲ, ୩୦୦ଗ୍ରା. ପନିପରିବା, ୧୨୫ଗ୍ରା. ଫଳ, ୧୦୦ଗ୍ରା. ମାଛ, ୩୦୦ମି.ଲି. କ୍ଷୀର, ୬୫ଗ୍ରା. ମାଂସ ଓ ଫାଳେ ଅଣ୍ଡା ଖାଇବା ନିହାତି ଦରକାର । ଶରୀର ଗଠନ ଏବଂ କୁ–ପୋଷଣ ଦୂର କରିବାରେ ‘‘ପ୍ରାଣୀଜ ପୁଷ୍ଟିସାର’’ ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । କୁକୁଡ଼ା ଅଣ୍ଡା ଏବଂ ମାଂସରେ ଭଲ ପୋଷକ ତତ୍ତ୍ୱ ଏବଂ ସୂକ୍ଷ୍ମ–ସାର ଥାଏ । ଅଣ୍ଡାରୁ ୧୨ରୁ ବେଶୀ ପ୍ରକାରର ଭିଟାମିନ ଏବଂ ମିନେରାଲସ୍ ମିଳିଥାଏ । ଏଥିରେ ଥିବା ‘‘କୋଲାଇନ୍’’ ଶିଶୁର ମସ୍ତିଷ୍କ ବୃଦ୍ଧିରେ ସହାୟକ ହୋଇଥାଏ । ଅଣ୍ଡାରୁ ବହୁତ ପରିମାଣ ଏବଂ ଭଲଗୁଣର ପୁଷ୍ଟିସାର ମଧ୍ୟ ମିଳିଥାଏ । ଏହା ଶରୀର ରେ ନୂଆ ଟିସ୍ୟୁ ଗଠନ ଏବଂ ପୁରୁଣା ଟିସ୍ୟୁ ମରାମତି କରିବାରେ ସାହାଯ୍ୟ କରିଥାଏ ।

କୁକୁଡ଼ା ମାଂସ ଓ ଅଣ୍ଡା ଉଭୟ ପୁଷ୍ଟିକର ଖାଦ୍ୟ ଅଟେ । ୧୦୦ଗ୍ରା. ମାଂସରୁ ଆମକୁ ୧୪୩ଗ୍ରା. ଶକ୍ତି (କ୍ୟାଲୋରି), ୩୧ଗ୍ରା. ପୁଷ୍ଟିସାର (ପ୍ରୋଟିନ୍), ୩ଗ୍ରା. ଚର୍ବି (ଫ୍ୟାଟ୍) ୭୩ମି.ଗ୍ରା. ସୋଡ଼ିୟମ ଲବଣ, ୧.୩ମି.ଗ୍ରା. ଲୌହ (ଆଇରନ୍) ଓ ୧୫ ମି.ଗ୍ରା. କ୍ୟାଲସିୟମ୍ (ଚୂନ) ସହ ଭିଟାମିନ ବି–୩, ବି–୬, ନିଆସିନ୍ ଇତ୍ୟାଦି ମିଳିଥାଏ ।


ଅଣ୍ଡାରେ ପୁଷ୍ଟିସାର ଭରପୁର ମାତ୍ରାରେ ରହିଛି । ଏକ ସାଧାରଣ ଆକାରର ଅଣ୍ଡାରେ ୭.୫ଗ୍ରା. ପୁଷ୍ଟିସାର, ୭୬ଗ୍ରା. ଶକ୍ତି (କ୍ୟାଲୋରି), ୫.୧ଗ୍ରା. ଚର୍ବି, ୫୫ ମି.ଗ୍ରା. ସୋଡ଼ିୟମ୍ ଏବଂ ୧ଗ୍ରା. କାର୍ବୋହାଇଡ୍ରେଟ୍ ରହିଥାଏ । ଅଣ୍ଡାର ଧଳା ଅଂଶରୁ ଆମକୁ ୧.୩ମି.ଗ୍ରା. ଫୋଲେଟ୍, ୬.୬ମି.ଗ୍ରା. ସେଲେନିୟମ୍, ୨.୩ମି.ଗ୍ରା. କ୍ୟାଲସିୟମ, ୩.୬ମି.ଗ୍ରା. ମ୍ୟାଗ୍ନେସିୟମ୍, ୪.୯ମି.ଗ୍ରା. ଫସଫରସ୍ ଓ ୫୩.୮ ମି.ଗ୍ରା. ପୋଟାସିୟମ୍ ସହ ଭିଟାମିନ୍ ଡ଼ି, ବି–୬, ବି–୧୬, ନିଆସିନ୍ ଓ ୯ପ୍ରକାରର ଆମିନୋ ଏସିଡ୍ ମିଳିଥାଏ । **ଏଣୁ ଅଣ୍ଡାକୁ ଏକ ସମ୍ପୂର୍ଣ୍ଣ ଖାଦ୍ୟ ବୋଲି କୁହାଯାଏ ।**

ସୁସ୍ଥ ଶରୀର ଗଠନ ପାଇଁ ଜଣେ ସାଧାରଣ ଲୋକକୁ ବର୍ଷକୁ ୧୮୦ଗୋଟି ଅଣ୍ଡା ଏବଂ ୧୨କେ.ଜି ମାଂସ ଖାଇବା ଦରକାର ଅଟେ । ସ୍ୱତନ୍ତ୍ର ବର୍ଗର ଲୋକଙ୍କ ପାଇଁ ସରକାରଙ୍କ ତରଫରୁ ମିଳୁଥିବା ଅଣ୍ଡାର ପରିମାଣ, ନିମ୍ନରେ ଦିଆଗଲା ।

ସ୍ୱତନ୍ତ୍ର ବର୍ଗର ଲୋକ	ଅଣ୍ଡାର ପରିମାଣ (ଅଙ୍ଗନବାଡ଼ିରୁ ମିଳେ)	
	ସପ୍ତାହକୁ	ବର୍ଷକୁ
ଶିଶୁ (୬ ମାସରୁ ୩ ବର୍ଷ)	୩	୧୫୬
ଶିଶୁ (୩ ରୁ ୬ ବର୍ଷ)	୫	୨୬୦
ଗର୍ଭବତୀ ଏବଂ କ୍ଷୀର ଖୁଆଉଥିବା ମହିଳା	୩	୧୫୬
କିଶୋରୀ ବାଳିକା (୧୦ ରୁ ୧୯ ବର୍ଷ)	୪	୨୦୮
(ମହିଳା ଏବଂ ଶିଶୁ ବିକାଶ ବିଭାଗର ପତ୍ରସଂଖ୍ୟା–୨୮.୦୬.୨୦୧୮ ଅନୁସାରେ)		

ପରିବାରର ସମସ୍ତ ବର୍ଗର ଲୋକଙ୍କର କୁ–ପୋଷଣ ଦୂର କରିବା ପାଇଁ ଆସନ୍ତୁ ନିଜ ଘରେ କୁକୁଡ଼ା ପାଳନ କରିବା ।

କୁକୁଡ଼ା ଚାଷରୁ ଅନେକ ଲାଭ, ପୁଷ୍ଟି ସାଧନରେ ସବୁଠୁ ଆଗ ।।
ଘର ଅଗଣାରେ କୁକୁଡ଼ା ରଖ, ଅଣ୍ଡା ଖାଉଥିବୁ ବରଷଯାକ ।।
ଚାରିଟି ମାଇରେ ଗୋଟିଏ ଗଞ୍ଜା, ବରଷକ ଦେଶୀ ଅଣ୍ଡା ଯେ ଖଞ୍ଜା ।।
ଖାଇବାକୁ ମିଳେ ଦେଶୀ ମାଉଁସ, ଅଭାବରେ ବିକି କୁଟୁମ୍ବ ପୋଷ ।।
ପିଲାଠୁ ବୁଢାଏ ସଭିଙ୍କ ପ୍ରିୟ, ଅଣ୍ଡା ମାଂସ ଖାଇ ବଳୁଆ ରୁହ ।।

ଘର ଅଗଣାରେ କୁକୁଡ଼ା ଚାଷ, ଅଣ୍ଡା ଖାଉଥିବୁ ବରଷ ମାସ ।।
ବଢି ମରୁଡ଼ିକୁ ନଥାଏ ଭୟ, ପୁଷ୍ଟି ସାଧନରେ ଅତୁଳନୀୟ ।।
ଅଣ୍ଡା ବସାଇ କର ଦେଶୀ ଚିଆଁ, ଚିଆଁ ବିକିକି ଧନୀ ହେବୁରେ ମାଁ ।।
ବାହାଘର ଆଉ ପରବ ବେଳେ, ଅକାଳେ ସକାଳେ କୁଣିଆ ଗଲେ ।।
ଶୁଦ୍ଧିକ୍ରିୟା ଅବା ଅଭାବ ବେଳେ, ଦମ୍ଭଦିଏ ହଳେ କୁକୁଡ଼ା ଥିଲେ ।।



ସ୍ୱାବଲମ୍ବୀ
ହେବେ ମହିଳା,
ଯଦି ପାଳିବେ
ବାଡ଼ିରେ କୁକୁଡ଼ା ।


୨. ଆମ ଦେଶରେ ମିଳୁଥିବା କୁକୁଡ଼ା ପ୍ରଜାତି

ଆମ ଦେଶରେ ମିଳୁଥିବା ଚାରିଗୋଟି ମୂଳ ପ୍ରଜାତି ହେଲେ: ଅସିଲ୍, ଚିତ୍ତଗଞ୍ଜ, କଡ଼କ୍‌ନାଥ ଏବଂ ବୁଶ୍ରା । ଏହା ଛଡ଼ା ଅନ୍ୟାନ୍ୟ ପ୍ରଜାତି ଗୁଡ଼ିକ ହେଲା: ଝାରସିମ୍ (ଝାରଖଣ୍ଡ ରାଜ୍ୟ), କାମରୁପ (ଆସାମ) ଏବଂ ପ୍ରତାପଧନ (ରାଜସ୍ଥାନ) । ଆମ ରାଜ୍ୟ ଓଡ଼ିଶାରେ ମିଳୁଥିବା ପ୍ରଜାତି ଗୁଡ଼ିକ ହେଲା: ଅସିଲ୍, ଭେଜାଗୁଡ଼ା, ହାଁସଲି ଇତ୍ୟାଦି । ଏହା ବ୍ୟତୀତ ଫୁଲବାଣୀ, କଳାହାଣ୍ଡି ଏବଂ କେନ୍ଦୁଝର ଜିଲ୍ଲାରେ ମଧ୍ୟ ସ୍ୱତନ୍ତ୍ର ପ୍ରକାରର ଲମ୍ବା ଓ ଓଜନଦାର କୁକୁଡ଼ା ମିଳିଥାନ୍ତି । ନିମ୍ନରେ କିଛିଟା କୁକୁଡ଼ା ପ୍ରଜାତି ମାନଙ୍କ ବିଷୟରେ ସଂକ୍ଷେପରେ ସୂଚନା ଦିଆଗଲା –



ହ୍ୱାଇଟ୍ ଲେଗହର୍ଣ୍ଣ -

ଏହି କୁକୁଡ଼ା ଅଧିକ ଅଣ୍ଡା ଉତ୍ପାଦନ (ବର୍ଷକୁ ପ୍ରାୟ ୩୦୦ଗୋଟି) ପାଇଁ ପ୍ରସିଦ୍ଧ ଅଟନ୍ତି । ଏମାନଙ୍କର କର୍ଣ୍ଣପାଲି ଧଳା ଓ ଏମାନେ ଧଳା ଅଣ୍ଡା ଦିଅନ୍ତି । ଏହା ଏକ ବିଦେଶୀ ପ୍ରଜାତି କୁକୁଡ଼ା ଅଟେ ।



ରୋଡ୍ ଆଇଲ୍ୟାଣ୍ଡ ରେଡ୍ (ଆର୍.ଆଇ.ଆର) -

ଏହି ପ୍ରଜାତିର ମାଇ କୁକୁଡ଼ା ବର୍ଷକୁ ପ୍ରାୟ ୨୫୦ ଗୋଟି ଅଣ୍ଡା ଦେଇଥାନ୍ତି । ଏମାନଙ୍କର ରଙ୍ଗ ଲାଲ ଏବଂ ଏମାନେ ଫିକାଲାଲ ରଙ୍ଗର ଅଣ୍ଡା ଦିଅନ୍ତି । ଏହା ମଧ୍ୟ ଏକ ବିଦେଶୀ ପ୍ରଜାତି କୁକୁଡ଼ା ଅଟେ ।



କଡ଼କ୍‌ନାଥ -

ଏହା ପ୍ରାୟତଃ ମଧ୍ୟପ୍ରଦେଶ ରେ ବେଶୀ ପରିମାଣରେ ଦେଖା ଯାଆନ୍ତି । ଏମାନେ ଦେଖିବାକୁ କଳାରଂଗର ହୋଇଥାନ୍ତି । ଏହାର ମାଂସ ଅତ୍ୟନ୍ତ ସୁସ୍ୱାଦୁ ଅଟେ ।



ଅସିଲ -

ଏମାନଙ୍କର ମୁଁହ ଲମ୍ବା, ଛାତି ଚଉଡ଼ା ଏବଂ ଗୋଡ଼ ଗୁଡ଼ିକ ଶକ୍ତ ଓ ଲମ୍ବା ହୋଇଥାଏ । ଏହି ପ୍ରଜାତିର କୁକୁଡ଼ାମାନେ ଲଢେଇ ପାଇଁ ପ୍ରସିଦ୍ଧ । ଏମାନେ କମ୍ ଅଣ୍ଡା ଦେଇଥାନ୍ତି (ବର୍ଷକୁ ୩୦ ରୁ ୩୫ ଗୋଟି) । ଏମାନେ ହାଲ୍‌କା ବାଦାମୀ ରଂଗର ଅଣ୍ଡା ଦେଇ ଥାନ୍ତି । ଏମାନେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ରାଜ୍ୟରେ ବିଶେଷ ଭାବରେ ଦେଖା ଯାଆନ୍ତି ।



ଭେଜାଗୁଡ଼ା -

ଏହି ପ୍ରଜାତିର କୁକୁଡ଼ା ପ୍ରାୟତଃ କୋରାପୁଟ୍ ଏବଂ ମାଲକାନଗିରି ଜିଲ୍ଲାରେ ଦେଖା ଯାଆନ୍ତି । ଏମାନେ ଗୋଟିଏ ଥରରେ ପ୍ରାୟ ୧୫ଗୋଟି ଅଣ୍ଡା ଦେଇଥାନ୍ତି । ଏମାନେ ମାଂସ ପାଇଁ ଆଦୃତ ।

ଏହାଛଡ଼ା ଉନ୍ନତମାନର ଦେଶୀ କୁକୁଡ଼ା ପ୍ରଜାତି ‘‘କ୍ୟାରି ଅନୁଷ୍ଠାନ’’ ଇଜତ୍‌ନଗର, ଉତ୍ତର ପ୍ରଦେଶଙ୍କ ଦ୍ୱାରା ବିକଶିତ କରାଯାଇଛି । ସେମାନଙ୍କ ମଧ୍ୟରୁ କିଛିଟା ହେଲେ ଯଥା ଗ୍ରାମପ୍ରିୟା, ବନରାଜ, ଗିରିରାଜ ଇତ୍ୟାଦି ।

୩. ବିଭିନ୍ନ ଉଦ୍ଦେଶ୍ୟରେ କରାଯାଉଥିବା କୁକୁଡ଼ା ପାଳନ ଗୁଡ଼ିକ ହେଲା

- **କେବଳ ଅଣ୍ଡାପାଇଁ**
  - ହ୍ୱାଇଟ୍ ଲେଗହର୍ଣ୍ଣ, ରୋଡ୍‌ଆଇଲ୍ୟାଣ୍ଡ ରେଡ୍ ଏମାନେ ବର୍ଷକୁ ୩୦୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି
- **କେବଳ ମାଂସ ପାଇଁ**
  - ଦେଶୀ କୁକୁଡ଼ା, ବ୍ରୟଲର କୁକୁଡ଼ା
  - କଡ଼କନାଥ କୁକୁଡ଼ାର ମାଂସ ଭାରି ସୁଆଦିଆ ଏବଂ ଔଷଧିୟ ଅଟେ
  - ଅସିଲ ଲଢେଇ ପାଇଁ ପ୍ରସିଦ୍ଧ
- **ଉଭୟ ଅଣ୍ଡା ଓ ମାଂସ ପାଇଁ**
  - ବନରାଜ୍, ଛାବ୍ରୋ, କଳିଙ୍ଗ ବ୍ରାଉନ୍ ଏମାନେ ବର୍ଷକୁ ୨୦୦ ପର୍ଯ୍ୟନ୍ତ ଅଣ୍ଡା ଦିଅନ୍ତି ଏହା ମାଂସ ପାଇଁ ମଧ୍ୟମ ଧରଣର ଆଦୃତ ଅଟେ

ଘରେ ପାଳିଥିଲେ ଦେଶୀ କୁକୁଡ଼ା, ବାଡ଼ିବଗିଚା ତୋ ହେବ ଉର୍ବରା,
ପାଇବୁ ଅଣ୍ଡା ଓ ପାଇବୁ ମଳ, ଖାଇବୁ ଆନନ୍ଦେ ଅଣ୍ଡା ଓ ଫଳ ।

୪. ବିଭିନ୍ନ ପଦ୍ଧତିରେ କୁକୁଡ଼ା ପାଳନ

କ) ଘର ଅଗଣାରେ (କିମ୍ବା ବାଡ଼ି ପଟେ) କୁକୁଡ଼ା ପାଳନ -



ଏହି ପଦ୍ଧତିରେ ଦିନସାରା କୁକୁଡ଼ାମାନେ ଘର ବାହାରେ ଚଲାବୁଲା କରି ମୁଖ୍ୟତଃ ଖାଦ୍ୟ ସଂଗ୍ରହ କରିଥାନ୍ତି । ରାତି ସମୟରେ ହିଂସ୍ର ଜୀବଜନ୍ତୁ ମାନଙ୍କ ଠାରୁ ରକ୍ଷା କରିବା ପାଇଁ କୁକୁଡ଼ା ଘରଟିଏ (Night shelter) କରାଯାଏ ।

ଖ) ଡ଼ିପ ଲିଟର୍ ପଦ୍ଧତି -



ଏହି ପଦ୍ଧତିରେ କୁକୁଡ଼ା ମାନଙ୍କୁ ଘର ଭିତରେ ପାଳନ କରାଯାଏ । ଚଟାଣ ଉପରେ ୨ ରୁ ୩ ଇଞ୍ଚର କରତ ଗୁଣ୍ଡ ଏବଂ ଧାନ କୁଣ୍ଡାର ଗୋଟିଏ ପରସ୍ତ ବିଛାଯାଏ । ଏହା ଦ୍ୱାରା ଘର ଚଟାଣ ଶୁଖିଲା ଏବଂ ପରିଷ୍କାର ରହେ । ମୁଖତଃ ବ୍ରୟଲର କୁକୁଡ଼ା ଏହି ପଦ୍ଧତିରେ କରାଯାଏ । ଆଜିକାଲି ଦେଶୀ କୁକୁଡ଼ା ଫାର୍ମ ଗୁଡ଼ିକ ମଧ୍ୟ ଏହି ପ୍ରଣାଳୀରେ କରାଯାଉଅଛି ।

ଗ) ପିଞ୍ଜରା (କେଜ୍) ଭିତରେ କୁକୁଡ଼ା ପାଳନ -



ଏହା ମୁଖତଃ ଅଣ୍ଡା ଦିଆ କୁକୁଡ଼ା ମାନଙ୍କ ପାଇଁ ଉଦ୍ଦିଷ୍ଟ । ପିଞ୍ଜରା ଗୁଡ଼ିକ ଘର ଭିତରେ ରଖାଯାଏ ଏବଂ କୁକୁଡ଼ାମାନେ ପିଞ୍ଜରା ଭିତରେ ରହି ଖାଦ୍ୟ ଖାଆନ୍ତି ଏବଂ ଅଣ୍ଡା ଦେଇଥାନ୍ତି ।

୫. ଘର ଅଗଣାରେ କୁକୁଡ଼ା ପାଳନ କାହିଁକି ?


- କମ୍ ଖର୍ଚ୍ଚ ରୁ ଆରମ୍ଭ କରାଯାଇ ପାରେ । ଜଲଦି ଲାଭ ମିଳେ ।
- ନିଜ ଆଖପାଖରେ ଯେଉଁ ପ୍ରଜାତି ଅଛି, ସେଥିରୁ ଆରମ୍ଭ କରାଯାଇ ପାରେ ।
- ମହିଳା, ଭୂମିହୀନ ଏବଂ ଛୋଟ ଚାଷୀମାନେ ଏଥିରୁ ବିଶେଷ ଉପକୃତ ହୋଇ ପାରିବେ ।
- ଯେହେତୁ ଘରର ବୟୋଜ୍ୟେଷ୍ଠ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ସଦସ୍ୟମାନେ କୁକୁଡ଼ା ପାଳନ ପାଇଁ ଶ୍ରମ କରନ୍ତି, ଏହି ବାବଦକୁ ଖର୍ଚ୍ଚ କରିବାକୁ ପଡ଼ି ନଥାଏ ।
- କୁକୁଡ଼ା ଅନ୍ୟ ଗୃହପାଳିତ ପଶୁ ତୁଳନାରେ କମ୍‌ଖାଏ । ଘର ଚାରିପଟେ ପଡ଼ିଥିବା ଘାସପତ୍ର ଏବଂ ପୋକ ଜୋକ ଖାଇବାରୁ ପରିବେଶ ସ୍ୱଚ୍ଛରୁହେ ।
- କୁକୁଡ଼ା ମାଂସ ଏବଂ ଅଣ୍ଡାକୁ ଖାଇବା ଦ୍ୱାରା ସହଜରେ ଲୋକଙ୍କର କୁ-ପୋଷଣ ଦୂର କରାଯାଇ ପାରେ ।
- ଦେଶୀ କୁକୁଡ଼ାର ମାଂସ ଏବଂ ଅଣ୍ଡାର ଖୁବ୍ ଚାହିଦା ଥିବାରୁ, ଏହା ସହଜରେ ଏବଂ ବର୍ଷର ସବୁ ସମୟରେ ବିକ୍ରି ହୋଇଯାଏ । ବିକ୍ରି ଟଙ୍କା ମହିଳା ମାନଙ୍କ ହାତକୁ ଆସିଥାଏ ।
- ଅନ୍ୟ ପ୍ରାଣୀ ଅପେକ୍ଷା କମ୍ ରୋଗଗ୍ରସ୍ତ ହୋଇଥାଏ । ଅନେକ ପ୍ରକାରର ପୂଜା ଏବଂ ଧାର୍ମିକ କାର୍ଯ୍ୟରେ ଲାଗିଥାଏ ।


ଉନ୍ନତମାନର କୁକୁଡ଼ା ପାଳନର ମୁଖ୍ୟ ନିୟମାବଳୀ

- ଉତ୍ତମ/ସ୍ୱାସ୍ଥ୍ୟପ୍ରଦ ସୁରକ୍ଷିତ କୁକୁଡ଼ା ଘର
- ସୁଷମ ଖାଦ୍ୟ
- ବିଶୁଦ୍ଧ ପାଣି
- ବର୍ଷକୁ ଚାରିଥର କୃମିନାଶକ ବ୍ୟବହାର
- ବର୍ଷକୁ ଚାରିଥର ଟୀକାକରଣ (ରାଣୀକ୍ଷେତ ରୋଗ ପ୍ରତିଷେଧକ)
- ବର୍ଷକୁ ଦୁଇଥର ଟୀକାକରଣ (କୁକୁଡ଼ା ବସନ୍ତ ରୋଗ ପ୍ରତିଷେଧକ)

୬. ଦେଶୀ କୁକୁଡ଼ା ପାଳନରୁ ବାର୍ଷିକ ଲାଭ

ଗୋଟିଏ ମାଇ କୁକୁଡ଼ା ବର୍ଷକୁ ୪୦ ଗୋଟି ଅଣ୍ଡା, ୨-୩ ଥରରେ ଦେଇଥାଏ ।







୫ ଗୋଟି ମାଇ କୁକୁଡ଼ା ବର୍ଷକୁ ୨୦୦ ଗୋଟି ଦେବେ ।

୧

୧୨୦ ଗୋଟି ଅଣ୍ଡା ଖାଇବା ପାଇଁ ବ୍ୟବହାର କରିବା



୨

୮୦ଗୋଟି ଅଣ୍ଡା ଉଷୁମାଇବା ପାଇଁ ରଖିବା



୩

ଏଥିରୁ ୮୦% ଚିଆଁ ଫୁଟିଲେ, ମୋଟ ୬୪ଗୋଟି ଚିଆଁ ବାହାରିବେ



୪

୬୦% ଚିଆଁ, ୬ ରୁ ୮ମାସ ପର୍ଯ୍ୟନ୍ତ ବଞ୍ଚିଲେ ମୋଟ ୩୮ ଗୋଟି ବଡ଼ କୁକୁଡ଼ା ହେବେ



୫

ପାଖାପାଖି ବର୍ଷକୁ ୨୬ ଗୋଟି କୁକୁଡ଼ା ଖାଇଲେ



୬

୧୨ଗୋଟି ବିକ୍ରି କଲେ ମୋଟ ଟ. ୩,୦୦୦/- ପାଇବେ



୭. ଏହି କ୍ରମରେ ବର୍ଷର ପ୍ରଥମ ଅର୍ଦ୍ଧବାର୍ଷିକରେ ଫୁଟିଥିବା ୧୯ ଗୋଟି କୁକୁଡ଼ା ମଧ୍ୟରୁ ପାଖାପାଖି ୯ ଗୋଟି ମାଈ କୁକୁଡ଼ା ବାହାରିବେ । ଯେଉଁଗୁଡ଼ିକ ଏ ବର୍ଷର ୨ୟ ଅର୍ଦ୍ଧବାର୍ଷିକ ବେଳକୁ ୬-୭ ମାସରେ ହୋଇ, ଅଣ୍ଡା ଦେବା ପାଇଁ ଉପଯୁକ୍ତ ହୋଇଥିବେ । ଏହି କୁକୁଡ଼ାମାନେ ପ୍ରତ୍ୟେକ ହାରାହାରି ୧୦ଟି ଲେଖାଏଁ ଅଣ୍ଡା ଦେଲେ, ମୋଟ୍ ୯୦ ଗୋଟି ଅଣ୍ଡା ଦେବେ ।

ବର୍ଷକୁ ୧୨୦+୯୦=୨୧୦ ଗୋଟି ଅଣ୍ଡା ଏବଂ
୨୬ ଗୋଟି କୁକୁଡ଼ା ଖାଇବାପାଇଁ ପାଇବେ ।

୭. କୁକୁଡ଼ା ଖାଦ୍ୟ

ଦେଶୀ କୁକୁଡ଼ା ଘର ଅଗଣାରେ ବୁଲି ବିଭିନ୍ନ ପୋକଜୋକ, ଶସ୍ୟ ଓ ସବୁଜ ଘାସ ଇତ୍ୟାଦି ଖାଇ ଥାଆନ୍ତି । ଏହା ବ୍ୟତୀତ କିଛି ପୁଷ୍ଟିସାର ଜାତୀୟ ଅତିରିକ୍ତ ଖାଦ୍ୟ ଦେବା ଆବଶ୍ୟକ ହୋଇଥାଏ । ବର୍ଷର ଖାଦ୍ୟ ଅଭାବ ସମୟରେ ଗ୍ରାମର କୁକୁଡ଼ା ସଂଖ୍ୟା କମାଇବା ଆବଶ୍ୟକ । କୁକୁଡ଼ା ବାହାରକୁ ଖାଦ୍ୟ ଅନ୍ୱେଷଣରେ ଗଲେ ଶିକାରୀ ଜନ୍ତୁ ଓ ଚୋର ଆକ୍ରମଣ କରିଥାନ୍ତି । ଆବଶ୍ୟକ ସ୍ଥଳେ ବାଡ଼ି ମଧ୍ୟରେ, ଆବଦ୍ଧ ଜାଗାରେ କୁକୁଡ଼ାଙ୍କୁ ଖାଦ୍ୟ ଦେବା ଭଲ । ଏହାଦ୍ୱାରା ପଡ଼ୋଶୀ ଲୋକଙ୍କ କ୍ଷତି ହୋଇନଥାଏ ଓ ତାଙ୍କ ସହିତ ସଂପର୍କ ଭଲ ରୁହେ । ୨୧ଦିନ ପର୍ଯ୍ୟନ୍ତ କୁକୁଡ଼ା ଛୁଆଙ୍କୁ ବାଁଉଶ ଟୋକେଇ ମଧ୍ୟରେ ଖୁଦ, ମକାଗୁଣ୍ଡ ଓ ପରିଷ୍କାର ପାଣି ଦେଲେ ସେମାନେ ଭଲ ବଢନ୍ତି ଓ ଶିକାରୀ ଜନ୍ତୁଙ୍କଠାରୁ ମଧ୍ୟ ରକ୍ଷା ପାଇପାରନ୍ତି । ଗୋଟିଏ କୁକୁଡ଼ା ପାଇଁ ଦୈନିକ ୨୦୦ ମି.ଲି. ପାଣି ଦରକାର । ତେଣୁ ପରିଷ୍କାର ପାଣି ଠିକ୍ ପାତ୍ରରେ ଦିଅନ୍ତୁ । ସେପରି ୨୫ ରୁ ୫୦ଗ୍ରାମ ସୁଷମ ଖାଦ୍ୟଦେଲେ ଭଲ । ଏହାଦ୍ୱାରା ଚିଆଁ ମାନେ ଶୀଘ୍ର ବଢନ୍ତି ।

- କୁକୁଡ଼ା ମାନଙ୍କୁ ମକା, ବାଜରା, ଜୁଆର, ମାଣ୍ଡିଆ, ଖୁଦ ଚାଉଳ, ଏବଂ କୁଣ୍ଡା ଇତ୍ୟାଦି ଖାଦ୍ୟଶସ୍ୟ ଖାଇବାକୁ ଦିଆଯାଏ । ଅଳ୍ପ ପାଣିରେ ଏହି ଖାଦ୍ୟ ପଦାର୍ଥକୁ ଚକଟି ଖାଇବାକୁ ଦିଆଯାଏ ।





- ଅଧିକ ଅଣ୍ଡା ପାଇବା ପାଇଁ କୁକୁଡ଼ା ମାନଙ୍କୁ ଶୁଖୁଆ ଗୁଣ୍ଡ, ଗେଣ୍ଡା–ଶାମୁକା ଗୁଣ୍ଡ, ଜିଆ ଏବଂ ଉଇ ଇତ୍ୟାଦି ଦିଆଯିବା ଆବଶ୍ୟକ ।





- ଘରର ବଳକା ଖାଦ୍ୟ ଯଥା ଭାତ, ମୁଢି, ଚୁଡ଼ା ଏବଂ ପନିପରିବା ପତ୍ର ଇତ୍ୟାଦି ବଳକା ପଦାର୍ଥ ବାହାରେ ନପକାଇ କୁକୁଡ଼ା ଙ୍କୁ ଦିଆଯାଇପାରେ ।
- କପା ଓ ଶାଳମଞ୍ଜି ଗୁଣ୍ଡ, ଜୁଆର ଗୁଣ୍ଡ ଇତ୍ୟାଦି କୁକୁଡ଼ା ଖାଦ୍ୟରେ ୫ ରୁ ୧୦% ମିଶାଇ ଦେଇ ପାରିବେ ।
- ଛିଣ୍ଡା କପଡ଼ା, ଅଖା ଓ ପାଲକୁ ପାଣିରେ ଭିଜାଇ, ମାଠିଆରେ ରଖିତାକୁ ତଳ ମୁଁହା କରି ବାଡିରେ ରଖିଲେ ଉଈ ବଢନ୍ତି ଯାହାକୁ କୁକୁଡ଼ାଙ୍କୁ ଦିଆଯାଇ ପାରେ ।





- କୁକୁଡ଼ା ମାନଙ୍କୁ ଆଜୋଲା, ମୂଳା ପତ୍ର, ତୁତପତ୍ର ଇତ୍ୟାଦି ମଧ ଦିଆଯାଇପାରେ ।





୧ କେ.ଜି. କୁକୁଡ଼ା ଖାଦ୍ୟ ପ୍ରସ୍ତୁତିରେ ଆବଶ୍ୟକ ସାମଗ୍ରୀ ଓ ଆନୁମାନିକ ମୂଲ୍ୟ :

କ୍ରମିକ ସଂଖ୍ୟା	ଆବଶ୍ୟକ ସାମଗ୍ରୀ	ଆବଶ୍ୟକ ସାମଗ୍ରୀ ଗ୍ରାମ୍ ହିସାବରେ	ଆବଶ୍ୟକ ସାମଗ୍ରୀର ଆନୁମାନିକ ମୂଲ୍ୟ ଟ.
୧	କାଣ୍ଡିଆ କୁଣ୍ଡା	୨୦୦	ଟ. ୨.୫୦
୨	ଖୁଦ ଚାଉଳ	୨୦୦	ଟ. ୫.୦୦
୩	ରାଶି/ବାଦାମ ପିଡ଼ିଆ	୧୦୦	ଟ. ୫.୦୦
୪	ଶୁଖୁଆ ଗୁଣ୍ଡ	୭୦	ଟ. ୭.୦୦
୫	ମିନେରାଲ୍ ମିକ୍ସଚର	୩୦	ଟ. ୬.୦୦
୬	ମକା ଗୁଣ୍ଡ	୪୦୦	ଟ. ୮.୫୦
	ମୋଟ୍	୧୦୦୦	ଟ. ୩୪.୦୦

ବି.ଦ୍ର. : ପ୍ରସ୍ତୁତ ଖାଦ୍ୟକୁ ଠିକ୍ ଭାବରେ ରଖିବା ଦରକାର ଏବଂ ଗୋଟିଏ ମାସ ମଧରେ ବ୍ୟବହାର କରିବା ଉଚିତ୍ । ଅଧିକ ଦିନ ରଖିଲେ ଫଙ୍ଗି ଲାଗି ବିଷାକ୍ତ ହୋଇପାରେ । ଉପରୋକ୍ତ ଖାଦ୍ୟକୁ ପେଜ ତୋରାଣି କିମ୍ବା ଅଳ୍ପ ପାଣିରେ ଗୋଳାଇ କରି ଖାଇବାକୁ ଦିଅନ୍ତୁ ।

୮. କୁକୁଡ଼ା ଘର

– ରାତିରେ ରହିବା ପାଇଁ, ବନ୍ୟଜନ୍ତୁ ଓ ଶିକାରୀ କୁକୁରଙ୍କ ଆକ୍ରମଣ ଇତ୍ୟାଦିରୁ ରକ୍ଷା ପାଇବା ପାଇଁ ଘର ଦରକାର ହୋଇଥାଏ । ବଡ଼ କୁକୁଡ଼ାଙ୍କ ପାଇଁ ଭାଡ଼ି ତିଆରି କରାଯାଇଥାଏ ।





– ଘରଟିଏ ଥିଲେ କୃମି ଔଷଧ ଏବଂ ଟୀକା କରଣ ଠିକ୍ ଭାବରେ କରାଯାଇ ପାରେ ।

– କୁକୁଡ଼ାମାନଙ୍କୁ ବାଉଁଶ ଝୁଡ଼ିରେ ମଧ୍ୟ ରଖାଯାଇ ପାରିବ ଏବଂ ଆବଶ୍ୟକ ପଡ଼ିଲେ ଅନ୍ୟ ସ୍ଥାନକୁ ନିଆଯାଇ ପାରିବ । ଏହାଦ୍ୱାର ଚଟାଣ ଶୁଖିଲା ରହେ ।

କୁକୁଡ଼ା ଘର ତିଆରି :

– ନିଜ ଅଞ୍ଚଳରେ ମିଳୁଥିବା ବାଉଁଶ ଓ କାଠରେ କୁକୁଡ଼ା ଘର ତିଆରି କରିବା ଉଚିତ୍ ।

– ଗୋଟିଏ କୁକୁଡ଼ା ପାଇଁ ୧ ବର୍ଗଫୁଟ ସ୍ଥାନ ଦରକାର । ଘର ମଧ୍ୟରେ ଆବଶ୍ୟକରୁ ଅଧିକ କୁକୁଡ଼ା ରଖିବା ଅନୁଚିତ୍ ।

– ଘରଟି ସଫା କରିବା ପାଇଁ ପ୍ରଶସ୍ତ ହେବା ଆବଶ୍ୟକ । ଏହା ବ୍ୟତୀତ ଘରଟିକୁ ଭଲ ଭାବରେ ପବନ ଯିବା ଆସିବା କରିବା ପାଇଁ ଜାଲି ବ୍ୟବହାର କରିବା ଆବଶ୍ୟକ ।

MGNREGA / କର୍ମ ନିଯୁକ୍ତି ଯୋଜନାରେ ନିମ୍ନ ତିନି ପ୍ରକାରର କୁକୁଡ଼ା ଘର ମିଳି ପାରେ ।

କ) ୧୪ ଗୋଟି ମାଇ କୁକୁଡ଼ା (କେବଳ ଅଣ୍ଡାପାଇଁ) – ୪୪ ବର୍ଗଫୁଟ୍ ଟ.୩୦,୦୦୦/–

ଖ) ୪୮ ଗୋଟି ଛୋଟ–ବଡ଼ ଦେଶୀ କୁକୁଡ଼ା – ୭୦ ବର୍ଗଫୁଟ ଟ.୩୬,୦୦୦/–

ଗ) ୯୬ ଗୋଟି ଛୋଟ–ବଡ଼ ଦେଶୀ କୁକୁଡ଼ା – ୧୧୮ବର୍ଗଫୁଟ ଟ.୫୨,୦୦୦/–



MGNREGA ଦ୍ୱାରା ଘର




ନିଜ ଖର୍ଚ୍ଚରେ କୁକୁଡ଼ା ଘର




କମ୍ ଖର୍ଚ୍ଚରେ କୁକୁଡ଼ା ଘର

କୁକୁଡ଼ା ଘରେ ଆଲୋକ ବ୍ୟବସ୍ଥା :

ଏହା କରିବା ଦ୍ୱାରା ବର୍ଷା ଏବଂ ଶୀତଦିନରେ କୁକୁଡ଼ା ଚିଆଁ ମାନଙ୍କୁ ଯଥେଷ୍ଟ ଗରମ ମିଳିଥାଏ ଏବଂ ଏମାନେ ସୁସ୍ଥ ରୁହନ୍ତି । ଅଣ୍ଡାଦେବା କୁକୁଡ଼ା ମାନଙ୍କୁ ଆଲୋକ ବ୍ୟବସ୍ଥା କଲେ, ତାଙ୍କର ଅଣ୍ଡାଦେବା କ୍ଷମତା ବଢିଥାଏ । କୁକୁଡ଼ା ଛୁଆର ଭବିଷ୍ୟତରେ ବୃଦ୍ଧି ଓ ଉତ୍ପାଦନ କ୍ଷମତା ତା'ର ପ୍ରଥମ ମାସ ଉପରେ ନିର୍ଭର କରିଥାଏ । ପ୍ରଥମ ୩–୪ ସପ୍ତାହରେ ଅଧିକ ଉଷୁମ ଆବଶ୍ୟକ ପଡ଼ିଥାଏ । ଆବଶ୍ୟକ ସ୍ଥଳେ ଏହା ବିଦ୍ୟୁତ ବଲ୍‌ବ କିମ୍ବା ବୃଡ଼ର୍ ମାଧ୍ୟମରେ ଦିଆଯାଇପାରେ ।





ପ୍ରାକୃତିକ ଉପାୟରେ ବଢିବେ କୁକୁଡ଼ା, ଅଣ୍ଡାଦେବା ସମୟରେ ଆଲୋକକୁ ବଢା ।।

କୁକୁଡ଼ା ଘରର ରକ୍ଷଣା ବେକ୍ଷଣ :

କୁକୁଡ଼ା ଘରୁ ନିୟମିତ କୁକୁଡ଼ା ଝାଡ଼ା ସଫା କରିବା ଉଚିତ୍ । ଘର ପାଖରେ ଥିବା ଲଟାବୁଦା ସଫାକଲେ ସାପଦାଉରୁ ରକ୍ଷା ମିଳେ । ନିମ୍ବ ପତ୍ର, ପାଉଁଶ କିମ୍ବା ଚୂନ, କୁକୁଡ଼ା ଘର ଚଟାଣରେ ପକାଇ ଟିଂକ, ଉକୁଣି ଉପଦ୍ରବ କମାଯାଏ । କୁକୁଡ଼ା ଖତକୁ ପନିପରିବା ଚାଷ ଜମିରେ ପକାଇଲେ ଅଧିକ ଅମଳ ମିଳେ ।

୯. କୁକୁଡ଼ା ଅଣ୍ଡା ଦେବା ଏବଂ ଅଣ୍ଡାର ଯତ୍ନ

କ) ବସାର ଆବଶ୍ୟକତା :

ଦେଶୀ କୁକୁଡ଼ା ସାଧାରଣତଃ ୬–୭ମାସ ବୟସରେ ଅଣ୍ଡା ଦେଇଥାଆନ୍ତି । ପରିଷ୍କାର କୁକୁଡ଼ା ବସା ଦ୍ୱାରା ଅଣ୍ଡା ଉତ୍ପାଦନ ବଢିଥାଏ । ନିଜ ଅଞ୍ଚଳରେ ମିଳୁଥିବା ବାଉଁଶ ଟୋକେଇ, ପେଟି ଖୋଳକୁ ଅଣ୍ଡା ବସା ଭାବରେ ବ୍ୟବହାର କରାଯାଇ ପାରିବ । ଅଣ୍ଡାଦେବା ବସାକୁ ଉଷୁମ ରଖିବା ପାଇଁ ସେଥିରେ ଶୁଖିଲା ପତ୍ର, ନଡ଼ା ଆଦି ରଖିବା ଉଚିତ୍ । ଏହାଦ୍ୱାରା ଅଣ୍ଡା ଭାଙ୍ଗିବା ଆଶଙ୍କା ମଧ୍ୟ ନଥାଏ । ଚିଆଁ ଫୁଟାଇବା ଅଣ୍ଡାକୁ ବସାର ବାହାରକୁ ଆଣିବା ଅନୁଚିତ୍ । ମଝି– ମଝିରେ ଉକ୍ତ ବସାକୁ ପରିଷ୍କାର କରିବା ଉଚିତ୍ ।





ଖ) ଅଣ୍ଡା ସାଇତିବା ଓ ଉଷୁମେଇବା :

ଅଣ୍ଡା ଗୁଡ଼ିକ ଥଣ୍ଡା ଓ ଛାଇ ଜାଗାରେ ରଖିବା ଉଚିତ୍ । ଅଣ୍ଡାଗୁଡ଼ିକ ତେଲରେ ପୋଛିଲେ ଅଧିକ ଦିନ ସଂରକ୍ଷିତ କରାଯାଇ ପାରିବ । ପେଟିତଳେ ଛିଣ୍ଡା କାଗଜ କିମ୍ବା ନରମ ପଦାର୍ଥ ରଖି ତହିଁରେ ଅଣ୍ଡା ରଖିବା ଉଚିତ୍ । ଅଣ୍ଡାକୁ ପାଣିରେ କେବେ ଧୋଇବେ ନାହିଁ ବା ପୋଛିବେ ନାହିଁ କାରଣ ଏହାଦ୍ୱାରା ଅଣ୍ଡାକୁ ରକ୍ଷା କରୁଥିବା ଆବରଣ ନଷ୍ଟ ହୋଇଯାଏ ।



ଖରାମାସରେ ଅଣ୍ଡା ଗୁଡ଼ିକ ଘୋଳେଇ ଯାଏ । ସେଥିପାଇଁ ଗୋଟିଏ ମାଟି ପାତ୍ରରେ ଓଦାବାଲି ଦେଇ ତା'ଉପରେ ଅଖା ଢାଙ୍କି ଦେଇ ଅଣ୍ଡା ଗୁଡ଼ିକ ସାଇତି ରଖିଲେ ଭଲ ରହେ । ଅଣ୍ଡାଦେବା ଦିନ ଅନୁଯାୟୀ ଅଣ୍ଡା ଉପରେ ୧,୨,୩ ଇତ୍ୟାଦି ସଂଖ୍ୟା ଲେଖି ଦିଅନ୍ତୁ ଏବଂ ପ୍ରଥମ ୫–୬ ଗୋଟି ଅଣ୍ଡା କୁ ଖାଇ ଅନ୍ୟ ସବୁ ଭଲ ଅଣ୍ଡା ଗୁଡ଼ିକୁ ଉଷୁମେଇବା ପାଇଁ ରଖନ୍ତୁ ।


ଅଣ୍ଡା ଉଷୁମାଇବା ପାଇଁ କୁକୁଡ଼ା ଅଣ୍ଡା ଉପରେ ୨୧ଦିନ ବସିଥାଏ । ବସିବାର ସ୍ଥାନଟି ଅନ୍ଧାରିଆ ହେବା ଆବଶ୍ୟକ । ଏହି ସମୟରେ ବହୁତ କମ ସମୟ ପାଇଁ କୁକୁଡ଼ା ବାହାରକୁ ଆସି ଖାଦ୍ୟ ଖାଇଥାଏ ଓ

ପାଣି ପିଇଥାଏ । ତେଣୁ କୁକୁଡ଼ା ବସା ପାଖରେ ଖାଦ୍ୟ ଓ ପାଣି ଦେବା ଆବଶ୍ୟକ । ଏହାଦ୍ୱାରା କୁକୁଡ଼ା ଆଉ ଦୂର ଜାଗାକୁ ଯିବ ନାହିଁ ଓ ଅଣ୍ଡା ମଧ୍ୟ ଥଣ୍ଡା ହେବ ନାହିଁ । ସାଧାରଣତଃ ଗୋଟିଏ କୁକୁଡ଼ା ୧୦–୧୨ ଅଣ୍ଡାକୁ ଭଲ ଭାବରେ ଉଷୁମ କରିପାରେ । ଯେଉଁ ମାଇ କୁକୁଡ଼ା ବେଶୀ ଅଣ୍ଡା ଦିଏ ଏବଂ କମ୍ ପକ୍ଷେ ଶତକଡ଼ା ୮୦ ଭାଗରୁ ବେଶୀ ଚିଆଁ ଫୁଟାଏ, ସେହି କୁକୁଡ଼ା ଛୁଆ ମାନଙ୍କୁ ଭବିଷ୍ୟତରେ ଗଞ୍ଜା ଏବଂ ମାଇ କୁକୁଡ଼ା ହିସାବରେ ପ୍ରଜନନ ପାଇଁ ରଖନ୍ତୁ । ସାଧାରଣତଃ ୭ ରୁ ୧୦ ଟି ମାଇ କୁକୁଡ଼ା ପାଇଁ ଗୋଟିଏ ଗଞ୍ଜାର ଆବଶ୍ୟକ ଥାଏ ।

ବର୍ଷା ମାସରେ ଚିଆଁ ଫୁଟିଲେ ଛୁଆଗୁଡ଼ିକ ଖାଇବାକୁ ବାହାରକୁ ଯାଇ ପାରନ୍ତି ନାହିଁ ଏବଂ ଗଲେ ବର୍ଷାପାଣିରେ ଭାସି ଯାଆନ୍ତି । ଏସବୁ କାରଣ ପାଇଁ ଅପ୍ରିଲ ମାସ ରୁ ଅଗଷ୍ଟ ମାସ ମଧ୍ୟରେ ମିଳୁଥିବା ଅଣ୍ଡା ଗୁଡ଼ିକ ଚିଆଁ ଫୁଟେଇବା ପାଇଁ ନରଖି ଖାଇଦେଲେ ଭଲ । ଯଦି ଅଣ୍ଡା ଉଷୁମେଇବା ର ନାହିଁ, ତା ହେଲେ ଅଣ୍ଡା ଦେଇ ସାରିବା ପରେ ମାଇ କୁକୁଡ଼ା କୁ ୨ ରୁ ୩ଥର ପାଣିରେ ବୁଡ଼ାଇ ଦେଲେ ତା ଦେହର ଗରମ ଭାଙ୍ଗି ଥାଏ ଏବଂ ଶୀଘ୍ର ଆଉଥରେ ଅଣ୍ଡା ଦେବା ଆରମ୍ଭ କରିଥାଏ । ଏପରି କଲେ ବର୍ଷକୁ ୪ ଥର (ଛେକ) ଅଣ୍ଡା ମିଳି ପାରିବ ।

ଗ) ଅଣ୍ଡାର ଅଲୋକ ପରୀକ୍ଷା :

ଅଣ୍ଡା ଉଷୁମାଇବାର ୬–୮ ଦିନ ପରେ ଅଣ୍ଡା ଆଗରେ ମହମବତୀ କିମ୍ବା ଟର୍ଚ୍ଚ ଜଳାଇ ଅନ୍ଧାର ଘରେ ଦେଖିଲେ ଅଣ୍ଡା ମଧ୍ୟରେ ଭୃଣ ଓ ସୁକ୍ଷ୍ମ ରକ୍ତ ତନ୍ତୁ ଦେଖାଯାଏ । ଯେଉଁ ଅଣ୍ଡାରେ ଭୃଣ ନଥିବ ତାହା ପରିଷ୍କାର ଦେଖାଯିବ ଓ ଏହାକୁ ଖାଇ ହେବ । ୧୭ ରୁ ୧୮ ଦିନ ମଧ୍ୟରେ ଆଉଥରେ ଆଲୋକ ପରୀକ୍ଷା କରି ଅଣ୍ଡା ମଧ୍ୟରେ ଜୀବନ୍ତ ବା ମୃତ ଭୃଣ ଅଛି ଜାଣି ହେବ । ଯେଉଁ ଅଣ୍ଡାରେ ମୃତ ଭୃଣ ଅଛି ତାହା ବାହାର କରିଦିଆଯାଏ ।



୧୦. କୁକୁଡ଼ା ମାନଙ୍କର ମୁଖ୍ୟ ରୋଗ ଏବଂ ନିରାକରଣ

କୁକୁଡ଼ା ମାନଙ୍କୁ ସାଧାରଣତଃ ନିମ୍ନ ପ୍ରକାରର ରୋଗ ଆକ୍ରାନ୍ତ କରିଥାଏ

କ) ଅନ୍ତଃ ପରଜୀବୀ (କୃମି ଓ ପ୍ରୋଟୋଜୋଆନ୍) ଜନିତ ରୋଗ


ଖ) ବାହ୍ୟ ପରଜୀବୀ (ଉକୁଣି) ଜନିତ ରୋଗ

ଗ) ଭୂତାଣୁ ଜନିତ ରୋଗ ଯଥା – ରାଣୀକ୍ଷେତ, କୁକୁଡ଼ା ବସନ୍ତ ଇତ୍ୟାଦି

ଘ) ବୀଜାଣୁ ଜନିତ ରୋଗ – ଧଳା ଝାଡ଼ା

କ) ଅନ୍ତଃ ପରଜୀବି (କୃମି) ଜନିତ ରୋଗ :

ଯେଉଁ ପ୍ରାଣୀ ନିଜେ ଖାଦ୍ୟ ତିଆରି କରିପାରେ ନାହିଁ କିନ୍ତୁ ନିଜ ଖାଦ୍ୟ ପାଇଁ ଅନ୍ୟ ଉପରେ ନିର୍ଭର କରେ ତାକୁ ପରଜୀବୀ ପ୍ରାଣୀ କହନ୍ତି । ଯେଉଁ ପ୍ରାଣୀ ଦେହ ଭିତରେ ବିଭିନ୍ନ ସ୍ଥାନରେ ରହି ବଂଶ ବିସ୍ତାର କରେ ଏବଂ କେତେକ ନିର୍ଦ୍ଦିଷ୍ଟ ରୋଗ ସୃଷ୍ଟିକରେ ତାକୁ ଅନ୍ତଃ ପରଜିବୀ କହନ୍ତି । ସମସ୍ତ କୃମିଜାତୀୟ ପ୍ରାଣୀ ଅନ୍ତଃ ପରଜୀବୀ ଅଟନ୍ତି । ଏହା କିପରି କୁକୁଡ଼ା ଦେହକୁ ଆସିଥାଏ ?




ଲକ୍ଷଣ : କୁକୁଡ଼ା ମାନଙ୍କୁ ପତଳା ଝାଡ଼ା ହୋଇଥାଏ । ସେମାନଙ୍କ ଓଜନ ବଢେ ନାହିଁ । ଚୂଳ ଶୁଖିଯାଏ ଏବଂ କଳା ପଡ଼ିଯାଏ । ଦେହ କୁଣ୍ଡାଇ ହୋଇ ଘା ହୋଇଯାଏ ।





କୃମିର ପ୍ରକାର :



ଫିତାକୃମି – କୁକୁଡ଼ାମାନେ ପୋକଜୋକ ଖାଇଲା ପରେ କୁକୁଡ଼ା ଦେହକୁ ଆସେ । ଏହା ପାତିଆ ଆକାରର ପତଳା ଓ ଧଳା ଦେଖାଯାଏ ।

ଚିକିତ୍ସା – ଆଲବୋମର (ପାଣି ଔଷଧ) । ମାତ୍ରା–ବଡ଼ କୁକୁଡ଼ା ପାଇଁ ୫ ଟୋପା ଏବଂ ଛୋଟ ପାଇଁ ୨ ଟୋପା ଦିଅନ୍ତୁ ।



ଗୋଲକୃମି – ଏଗୁଡ଼ିକ ୨ରୁ ୩ ଇଞ୍ଚ ଲମ୍ବ ହୋଇଥାନ୍ତି ଏବଂ ଝାଡ଼ାରେ ପଡ଼ିଥାନ୍ତି ।

– ଏହି କୃମିଗୁଡ଼ିକ ଶରୀର ବିଭିନ୍ନ ସ୍ଥାନ ଯଥା ଅନ୍ତଃନଳୀ ଇତ୍ୟାଦିରେ ରହନ୍ତି ।

ଚିକିତ୍ସା – ପାଇପେରାଜିନ -ମାତ୍ରା–ବଡ଼ ପାଇଁ ୧୦ ଟୋପା ଏବଂ ଛୋଟପାଇଁ ୫ ଟୋପା ।

ବି.ଦ୍ର : କୃମି ଔଷଧ ଦେବା ପୂର୍ବରୁ ସ୍ଥାନୀୟ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ ।

କକ୍ସିଡ଼ିଓସିସ୍ : (ରକ୍ତଝାଡ଼ା ରୋଗ)



ଏହା ଏକ ପ୍ରୋଟୋଜୋଆନ୍ ଅନ୍ତଃ ପରଜୀବୀ ଜନିତ ରୋଗ । ଏହା ଛୋଟ ଚିଆଁ ମାନଙ୍କୁ ବିଶେଷ କରି ଆକ୍ରାନ୍ତ କରିଥାଏ ।

ଲକ୍ଷଣ – ଲାଲ ରକ୍ତ ମିଶା ପତଳା ଝାଡ଼ା ହେବା, ମୁଣ୍ଡ ତଳକୁ ପୋତିବା

– ଶରୀରରୁ ଜଳୀୟ ଅଂଶ ଶୁଖିଯିବା

ଚିକିତ୍ସା – ପିଇବା ପାଣିରେ କୋକ୍ସିଡ଼ିଓ ଷ୍ଟାର୍ ମିଶାଇ ଦିଆଯାଇଥାଏ । ସଠିକ ଚିକିତ୍ସା ପାଇଁ ପ୍ରାଣୀଚିକିତ୍ସକଙ୍କୁ ପରାମର୍ଶ କରନ୍ତୁ ।

କୃମି ରୋଗଖାଏ ଭିତରୁ ଝୁଣି, ଯେତେ ଖାଇଲେବି ନହୁଏ ଜାଣି ।।
ଦୁର୍ବଳ ଚେହେରା ବଢନ୍ତି ନାହିଁ, ରୋଗ–ବଇରାଗ ଲାଗି ରହଇ ।।
ଗୋଲ ଓ ଫିତା କୃମିଦୁଇ, କୃମି ଔଷଧ ରେ ଯାଏ ପଳାଇ ।।
ବରଷକୁ ଚାରିଥର ଦେବ, ସୁସ୍ଥ ସବଳ କୁକୁଡ଼ା ପାଇବ ।।

ଖ) **ବାହ୍ୟ ପରଜୀବୀ (ଉକୁଣି) ଜନିତ ରୋଗ**



ଉକୁଣି ସାଧାରଣତଃ କୁକୁଡ଼ା ଦେହରେ କିମ୍ବା ଘର କାନ୍ଥରେ ରହନ୍ତି । ଏମାନେ ରକ୍ତଶୋଷଣ କରି କୁକୁଡ଼ାକୁ ଦୁର୍ବଳ କରିଦିଅନ୍ତି । ଏମାନଙ୍କୁ ଯଥାଶୀଘ୍ର ଦମନ ନକଲେ ମଣିଷ ମାନଙ୍କ ଶରୀରକୁ ଡ଼େଇଁ ପଡ଼ନ୍ତି । ଏଥିପାଇଁ କିଛି ଲୋକ କୁକୁଡ଼ା ରଖିବା ପାଇଁ ପସନ୍ଦ କରନ୍ତି ନାହିଁ ।

ଚିକିତ୍ସା – ୨% ମିଶ୍ରଣ ବ୍ୟୁଟକସ୍ ପାଣିକୁ କୁକୁଡ଼ା ଘର କାନ୍ଥରେ ଭଲ ଭାବରେ ସିଞ୍ଚନ କରନ୍ତୁ

– ୧୫୦ ଗ୍ରାମ ରସୁଣ ଛେଚି, ୩୦ ମି.ଲି. ରସକୁ ୩୦୦ ମି.ଲି. ପାଣିରେ ମିଶାଇ କୁକୁଡ଼ା କୁ ୧୦ ମିନିଟ୍ ବୁଡ଼ାଇ ରଖନ୍ତୁ

– ୨ ଚାମଚ ନିମ୍ବ ତେଲ କୁ ୫ଲିଟର ହାଲୁକା ଗରମ ପାଣିରେ ମିଶାଇ କୁକୁଡ଼ାକୁ ୧୦ମିନିଟ୍ ବୁଡ଼ାଇ ରଖନ୍ତୁ

– ସେଭିନ୍ ୫% ପାଉଡ଼ର ୧ ଅଂଶ ସହିତ ପାଉଁଶ ୫ ଅଂଶ ମିଶାଇ ଦେହ ଓ ଡ଼େଣା ଭିତରେ ପ୍ରଯୋଗ କରନ୍ତୁ







ବି.ଦ୍ର. ଏହି ଗୁଡ଼ିକ ବିଶାକ୍ତ ଔଷଧ ହୋଇଥିବାରୁ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନେଇ ସାବଧାନତାର ସହିତ ପ୍ରୟୋଗ କରନ୍ତୁ ।

ଗ) **ଭୂତାଣୁ ଜନିତ ରୋଗ :**

୧. **ରାଣୀକ୍ଷେତ କିମ୍ବା ମରୁଡ଼ି ରୋଗ** (R.D.)


ଏହା ଏକ ଭୂତାଣୁ ଜନିତ ସଂକ୍ରାମକ ରୋଗ । ଏହା ଖାଦ୍ୟ, ପାଣି ଏବଂ ବାୟୁ ମାଧ୍ୟମରେ ବ୍ୟାପିଥାଏ । ଏହି ରୋଗରେ ୮୦–୯୦% କୁକୁଡ଼ା ମରିଥାଆନ୍ତି । ଏହି ରୋଗ ସାଧାରଣତଃ ବର୍ଷର ସବୁ ସମୟରେ ହୋଇଥାଏ ।

ଲକ୍ଷଣ – ନାକରୁ ପାଣି ବାହାରିବ, ଶ୍ୱାସ ନଳୀରେ ଅଧିକ ଲାଳ ରହିବ, ଆଖି ରଂଗ ଶେଥୁଆ ଦେଖାଯିବ, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା

– ଶାଗୁଆ ରଙ୍ଗର ଝାଡ଼ା ହେବ, କୁକୁଡ଼ା ଛୁଆମାନେ ଘେରା ଘେରା ପଛକୁ ଚାଲନ୍ତି ଓ ଶେଷରେ ତଳେ ପଡ଼ିଯା'ନ୍ତି

– ଅଣ୍ଡା ଦେବା କୁକୁଡ଼ା ଅଣ୍ଡା ଦେବା ବନ୍ଦ କରିଥାନ୍ତି

– ୨ ରୁ ୩ଦିନ ପରେ ସ୍ନାୟୁ ଗତ ଲକ୍ଷଣ ଯଥା ଗୋଟିଏ ଡ଼େଣା ଅଚଳ ହେବ, ବେକ ମୋଡ଼ି ହୋଇଯିବ, ମୁଣ୍ଡ, ପଛକୁ ହୋଇଯିବ । ୧୦ ରୁ ୧୪ଦିନ ପରେ କୁକୁଡ଼ା ଗୁଡ଼ିକ ମରିଯା'ନ୍ତି ।





ସାବଧାନତା :

ବାହାରୁ ନୂତନ କୁକୁଡ଼ା ଆଣିବା ପୂର୍ବରୁ କୁକୁଡ଼ା ଘରକୁ ସଫା ଓ ବିଶୋଧନ କରି ଜୀବାଣୁ ମୁକ୍ତ କରିବା ଉଚିତ୍ । ପାଣିର ଉତ୍ସକୁ ଜୀବାଣୁ ମୁକ୍ତ କରନ୍ତୁ । ରୋଗ ଥିବା କୁକୁଡ଼ା ଖାଇବା, ହାଟରୁ କିଣିବା ବା ବିକିବା ଉଚିତ୍ ନୁହେଁ । ମରିଯାଇଥିବା କୁକୁଡ଼ାକୁ ଗାତ ଖୋଳି ପୋତିଦେବା କିମ୍ବା ନିଆଁରେ ପୋଡ଼ି ଦେବା ଉଚିତ୍ ।

ଚିକିତ୍ସା ଓ ରୋଗର ନିରାକରଣ :

ଏହି ରୋଗର କୌଣସି ଚିକିତ୍ସା ନାହିଁ । କିନ୍ତୁ ଅନ୍ୟ ଜାଗାକୁ ଯେମିତି ନ ବ୍ୟାପିବ ସେଥିପ୍ରତି ଉପଯୁକ୍ତ ବ୍ୟବସ୍ଥା କରିବା ଆବଶ୍ୟକ । ଏହି ରୋଗ ବ୍ୟାପି ନଥିବା ସମୟରେ ଏହାର ନିରାକରଣ ପାଇଁ ବର୍ଷକୁ ୪ ଥର (ତିନିମାସ ଅନ୍ତରାଳରେ) 'ଲାସୋଟା' ଟୀକା ସମସ୍ତ କୁକୁଡ଼ା ମାନଙ୍କୁ ଦେବା ଦରକାର । କିମ୍ବା ଛୋଟ ଚିଆଁ ମାନଙ୍କୁ ଲାସୋଟା



ଟୀକା ଆଖିରେ ଦେବାର ତିନିମାସ ପରେ ଆର୍.ଟୁ.ବି (R-2B) ଟୀକା ଡେଣାରେ ଇଂଜେକ୍ସନ୍ ମାଧ୍ୟମରେ ଦିଆଯାଇଥାଏ । ଏହା ଛଅମାସ ପର୍ଯ୍ୟନ୍ତ କାମ କରିଥାଏ । ଭ୍ୟାକ୍ସିନ ଦେବାର ୭ରୁ ୧୦ ଦିନ ପୂର୍ବରୁ କୃମି ନାଶକ ଦିଆ–ଯାଏ ।




ବି.ଦ୍ର. ଅଚାନକ ଭାବେ ଏକାସଙ୍ଗରେ ଅଧିକ କୁକୁଡ଼ା ମଲେ, ଅତିଶୀଘ୍ର ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ କରିବା ଆବଶ୍ୟକ ।

୨. କୁକୁଡ଼ା ବସନ୍ତ ରୋଗ (Fowl pox)

ଏହା ମଧ୍ୟ ଏକ ଭୂତାଣୁ ଜନିତ ଏବଂ କୁକୁଡ଼ାର ଦ୍ୱିତୀୟ ମୁଖ୍ୟରୋଗ ଅଟେ । ଏହିରୋଗ ସାଧାରଣତଃ ବର୍ଷାଋତୁ ଏବଂ ବସନ୍ତଋତୁରେ ହୋଇଥାଏ । ଏହି ରୋଗରେ ସାଧାରଣତଃ କୁକୁଡ଼ା ଚିଆଁମାନେ ଅଧିକ ସଂଖ୍ୟାରେ ମରି ଥାଆନ୍ତି । କାରଣ ତାଙ୍କର ରୋଗ ପ୍ରତିରୋଧକ ଶକ୍ତି ବିକଶିତ ହୋଇ ନଥାଏ ଏବଂ ତାକୁ ଟୀକା କରାଯାଇପାରେ ନାହିଁ । ଏହି ରୋଗରେ ଆଖି ଫୁଟି ଯିବାରୁ ଖାଇ ନପାରି ମଧ୍ୟ ମରିଯାଆନ୍ତି ।





ଲକ୍ଷଣ – ଦେହର ବିଭିନ୍ନ ଜାଗାରେ ଫୋଟକା ହୋଇଥାଏ । ଆଖି ଗୁଡ଼ିକ ଫୁଲି ଯାଇଥାଏ ଏବଂ ଆଖିରୁ ପାଣି ବାହାରି ଥାଏ । ଆଖି ଦୁଇଟି ବନ୍ଦ ହୋଇଯାଏ ।

– ଖାଦ୍ୟ ଏବଂ ଶ୍ୱାସ ନଳିରେ ଘା ହୋଇଯାଇଥାଏ । ଖାଦ୍ୟ ଖାଇବା କଷ୍ଟ ହୋଇଥାଏ । ୧୨–୧୫ ଦିନ ଭିତରେ କୁକୁଡ଼ାଟି ମରିଥାଏ ।

ସାବଧାନତା :

ବାହାରୁ ନୂତନ କୁକୁଡ଼ା ଆଣିବ ପୂର୍ବରୁ ଘରକୁ ସଫା ଓ ବିଶୋଧନ କରି ଜୀବାଣୁ ମୁକ୍ତ କରିବା ଉଚିତ୍ । ପାଣିରେ ଉତ୍ସକୁ ଜୀବାଣୁ ମୁକ୍ତ କରନ୍ତୁ । ରୋଗ ଥିବା କୁକୁଡ଼ା ଖାଇବା, ହାଟରୁ କିଣିବା ବା ବିକିବା ଉଚିତ୍ ନୁହେଁ । ମରିଯାଇ ଥିବା କୁକୁଡ଼ାଙ୍କୁ ଗାତ ଖୋଳି ପୋତିଦେବା କିମ୍ବା ନିଆଁରେ ପୋଡ଼ିଦେବା ଉଚିତ୍ ।

ଚିକିତ୍ସା ଓ ରୋଗର ନିରାକରଣ :

ଏହି ରୋଗ ପାଇଁ ବର୍ଷକୁ ଦୁଇ ଥର କୁକୁଡ଼ା ବସନ୍ତ ଟୀକା ଇଂଜେକସନ୍ ମାଧ୍ୟମରେ ଡେଣାରେ ଦିଆଯାଏ । ଯଦି ଟିକା କରିବା ସ୍ଥାନରେ ୭ଦିନ ପରେ ଯଦି ଫୁଲିବ ବା ବକଳ ବାହାରିବ ତାହେଲେ ଟୀକା କାମ କରିଛି ବୋଲି ଜାଣିବ ନଚେତ୍ ଆଉଥରେ ଟୀକା କରନ୍ତୁ । ଯଦି ରୋଗ ବ୍ୟାପିଥାଏ ତେବେ ୧୦୦ମି.ଲି ପାଣିରେ ୫ଗ୍ରା.ପଟାସିୟମ୍ ପରମାଂଗାନେଟ୍ ଔଷଧକୁ ମିଶାଇ ଫୋଟକା ଗୁଡ଼ିକ ସଫା କରନ୍ତୁ । ତା'ପରେ ବୋରିକ୍ ଏସିଡ଼ ପାଉଡ଼ର ଏବଂ ଗ୍ଲିସେରିନ୍ କୁ ମିଶାଇ, ସଫା କରାଯାଇଥିବା ଫୋଟକା ଉପରେ ଲଗାନ୍ତୁ ।



ଲାନ୍‌ସେଟ୍ ମାଧ୍ୟମରେ ବସନ୍ତ ଟୀକା



ଇଂଜେକ୍‌ସନ୍ ମାଧ୍ୟମରେ ବସନ୍ତ ଟୀକା

ଭୂତାଣୁ ଆଣଇ ବସନ୍ତ ରୋଗ, ମୁକ୍ଳୁଟ ଫୁଲରେ ଦିଶଇ ଆଗ ।।
ଫୋଟକା ପ୍ରମାଣେ ଆରମ୍ଭ ହୋଇ, ଘାଆ ହୁଏ ତହୁଁ ଚୋପା ଛଡ଼ାଇ ।।
ଆଖି, କାନ, ନାକ, ପାଟି ଓ ଗୋଡ଼, ଏହି ଫୁଲା ହୁଏ ନଥାଏ ଛାଡ଼ ।।
ଦାନା ଖାଏ, ନାହିଁ କୁକୁଡ଼ା ପିଲେ, ଶୁଖି ଶୁଖିମରେ ଏରୋଗ ହେଲେ ।।
ଆଖି ହୁଏ ଅନ୍ଧ ଦିଶେନା କିଛି, ଯଦି ଏଥି ପାଇଁ ନକର କିଛି ।।
ପ୍ରତିଷେଧକ ହିଁ ଏହାର ଅଛି, ପ୍ରାଣୀ ମିତ୍ରେ ଯାଇ ନିଅତୁ ପୁଛି ।।

୩. ବାର୍ଡ଼ ଫ୍ଲୁ ରୋଗ

ଏହା ଗୋଟିଏ ଭୂତାଣୁ ଜନିତ ରୋଗ । ଏହାର କୌଣସି ଚିକିତ୍ସା ନାହିଁ । ଏହାର ଲକ୍ଷଣ ରାଣୀକ୍ଷେତ ରୋଗ ସହିତ ପ୍ରାୟ ସମାନ । କିନ୍ତୁ ହଠାତ୍ ବହୁତ କୁକୁଡ଼ା ମରିବା ଏବଂ ଦେହ ନୀଳ ରଂଗର ହୋଇଯିବା ଏହାର ଲକ୍ଷଣ । ଏହା ଦେଖାଗଲେ ନିକଟସ୍ଥ ପ୍ରାଣୀ ଚିକିତ୍ସକଙ୍କୁ ସୂଚନା ଦିଅନ୍ତୁ ।

ଘ) ବୀଜାଣୁ ଜନିତ ରୋଗ -

ଧଳା ଝାଡ଼ା ବା ସାଲମୋନେଲା ରୋଗ -



- ସମସ୍ତ କୁକୁଡ଼ା ଙ୍କୁ ଧଳା ରଂଗର ଝାଡ଼ା ହୁଏ ।
- ଏହା ରୋଗୀ କୁକୁଡ଼ାର ମଳ ସଂସ୍ପର୍ଶରେ ଅନ୍ୟ କୁକୁଡ଼ା କୁ ହୋଇଥାଏ ।
- ଏହି ରୋଗ ୨ମାସର ଚିଆଁ ମାନଙ୍କୁ ବିଶେଷ ଭାବରେ ହୁଏ । ଗୋଟିଏ ଲିଟର ପାଣିରେ ୧ ଗ୍ରାମ ଟେରାମାଇସିନ୍ ମିଶାନ୍ତୁ । ଗୋଟିଏ ଦିନରେ ଏହି ପାଣି ସରିଯିବା କଥା । ବଜାରରେ ମିଳୁଥିବା ଟେରାମାଇସିନ୍ ୨୫୦ ଏମ.ଜି. କ୍ୟାପସୁଲକୁ ୫୦ମି.ଲି. ପାଣିରେ ମିଶାଇ ପିଇବାକୁ ଦିଅନ୍ତୁ । ଏପରି ୫ଦିନ ଲଗାତର ଦେଲେ, ଧଳାଝାଡ଼ା ରୋଗର ସମ୍ଭାବନା କମିଯିବ ।



ଆଗରୁ କରିବ ପ୍ରତିଷେଧକ, କମ ଖର୍ଚ୍ଚରେ ଲାଭ ଅଧିକ ।।

ବାର୍ଷିକ କୃମିନାଶକ ଏବଂ ଟୀକା କରଣ ର ସମୟାବଳୀ (କୁକୁଡ଼ା)

ଜାନୁଆରୀ ପୌଷ	ଫେବୃଆରୀ ମାଘ	ମାର୍ଚ୍ଚ ଫାଲଗୁନ୍	ଏପ୍ରିଲ ଚୈତ୍ର	ମଇ ବୈଶାଖ	ଜୁନ୍ ଜ୍ୟେଷ୍ଠ	ଜୁଲାଇ ଆଷାଢ଼	ଅଗଷ୍ଟ ଶ୍ରାବଣ	ସେପ୍ଟେମ୍ବର ଭାଦ୍ରବ	ଅକ୍ଟୋବର ଆଶ୍ୱିନ	ନଭେମ୍ବର କାର୍ତ୍ତିକ	ଡ଼ିସେମ୍ବର ମାର୍ଗଶୀର
କୃମି ନାଶକ			କୃମି ନାଶକ			କୃମି ନାଶକ			କୃମି ନାଶକ		
ରାଣୀକ୍ଷେତ ଟୀକା	କୁକୁଡ଼ା ବସନ୍ତ		ରାଣୀକ୍ଷେତ ଟୀକା			ରାଣୀକ୍ଷେତ ଟୀକା		କୁକୁଡ଼ା ବସନ୍ତ	ରାଣୀକ୍ଷେତ ଟୀକା		


- ଗୋଟିଏ କୁକୁଡ଼ା ପ୍ରତି ମୋଟ ଟ. ୧୦ ଖର୍ଚ୍ଚ ହୋଇଥାଏ ।
- ରୋଗ ହୋଇ ନଥିବା କୁକୁଡ଼ା ମାନଙ୍କୁ କେବଳ ଟୀକା ଦିଆଯାଏ ।
- ଟୀକା କରଣର ୭ ରୁ ୧୦ଦିନ ପୂର୍ବରୁ କୃମି ନାଶକ ଦିଅନ୍ତୁ ।
- ଗୋଟିଏ ଟୀକା ଦେବାର ୨୧ଦିନ ପରେ ଅନ୍ୟ ଟୀକା ଦେଇ ପାରିବେ ।
- ଗୋଟିଏ ପ୍ରକାରର କୃମି ନାଶକ ସବୁବେଳେ ନଦେଇ, ବଦଳାଇ କି ଦିଅନ୍ତୁ ।
- କୃମି ନାଶକ କିମ୍ବା ଟୀକା ସାଧାରଣତଃ ସଂଧ୍ୟା ସମୟରେ କିମ୍ବା ପ୍ରାତଃ କାଳେ ଦିଆଯାଏ ।
- ଉପଯୁକ୍ତ ‘‘କୋଲ୍ଡ–ଚେନ୍’’ ନ ରଖିଲେ ଟୀକା ନଷ୍ଟ ହୋଇଯାଏ ଏବଂ କାମ କରେ ନାହିଁ ।
- ଟୀକା (vaccine) ପାଉଡ଼ର ଆକରରେ ଛୋଟ କାଚଶିଶିରେ ମିଳିଥାଏ । ଏହା ସାଂଗକୁ ଡ଼ାଇଲୁଟାଣ୍ଟ ମିଶାଇ ଏହାକୁ ବ୍ୟବହାର କରାଯାଏ । ନିର୍ଦ୍ଦିଷ୍ଟ ଟୀକା ପାଇଁ ଡ଼ାଇଲୁଟାଣ୍ଟ, ଟୀକା କିଣିବା ସମୟରେ କମ୍ପାନୀ ଦେଇଥାଏ ।
- ଟୀକା ଦେବାର ପୂର୍ବ ରାତି, ଡ଼ାଇଲୁଟାଣ୍ଟକୁ ମଧ ଫ୍ରିଜ୍‌ରେ ରଖି ଥଣ୍ଡା କରାଯାଇ ଥାଏ ।
- ଟୀକା ପାଉଡ଼ର ଏବଂ ଡ଼ାଇଲୁଟାଣ୍ଟ କୁ ମିଶାଇବାର ଦୁଇ ଘଣ୍ଟା ଭିତରେ ବ୍ୟବହାର କରିବେ । ଏହି ମିଶ୍ରଣ କୁ ବରଫରେ ରଖି ବ୍ୟବହାର କରନ୍ତୁ ।



କୃମି ନାଶକ



ଲାସୋଟା ଟୀକା



ବସନ୍ତ ଟୀକା

୧୧. ପ୍ରତିଷେଧକ ଟୀକା କ'ଣ ?


ଗୋଟିଏ କୁକୁଡ଼ା ଆବଶ୍ୟକ ଖାଦ୍ୟ ଓ ଜୀବସାର ପାଇପାରିଲେ ତା' ଦେହରେ ରୋଗ ପ୍ରତିରୋଧକ ଶକ୍ତି ଆସିଥାଏ । ଏହି ରୋଗ ପ୍ରତିରୋଧକ ଶକ୍ତି, ମା' କୁକୁଡ଼ା ଠାରୁ ଛୁଆକୁ ଆସିଥାଏ । ପ୍ରତିଷେଧକ ଟୀକା ମାଧ୍ୟମରେ କୁକୁଡ଼ା ଦେହରେ ଏହା ସୃଷ୍ଟି କରାଯାଇଥାଏ । ଲାସୋଟା ଟୀକା ଆଖିରେ ଡ୍ରପ୍ ମାଧ୍ୟମରେ ଦିଆଯାଇ ଥାଏ ଏବଂ କୁକୁଡ଼ା ବସନ୍ତ ଟୀକା କୁକୁଡ଼ାର ଡ଼େଣାରେ ଦିଆଯାଏ ।





(କ) କୋଲଡ୍ - ଚେନ୍ ର ସୁପରିଚାଳନା :

ଟୀକା ଗୁଡ଼ିକରେ ଜୀବନ୍ତ ଭୂତାଣୁ ରୁହନ୍ତି । ତେଣୁ ସେମାନଙ୍କୁ ବଞ୍ଚିବା ପାଇଁ ୨ ରୁ ୮ ଡ଼ିଗ୍ରୀ ସେଣ୍ଟିଗ୍ରେଡ଼ ତାପମାତ୍ରା ମଧ୍ୟରେ ରଖିବା ନିହାତି ଜରୁରୀ ଅଟେ । ତାପମାତ୍ରା ବଢିଗଲେ କିମ୍ବା କମିଗଲେ, ଭୂତାଣୁ ଗୁଡ଼ିକ ମରିଯାଆନ୍ତି ଏବଂ ଟୀକା ଠିକ୍ ଭାବରେ କାମ କରେ ନାହିଁ । ଖାଲି ଆଖିରେ ଏହା ଜଣାପଡ଼େ ନାହିଁ । ଏହାକୁ କୋଲ୍ଡ଼–ଚେନ୍ ପରିଚାଳନା ଜନିତ ତ୍ରୁଟି କୁହାଯାଏ ।



ଟୀକା ତିଆରି ହେବା କେନ୍ଦ୍ର (କାରଖାନା) ରୁ କୁକୁଡ଼ା କୁ ଟୀକା ଦେବା ପର୍ଯ୍ୟନ୍ତ ସବୁ ଜାଗାରେ ଟୀକା ଗୁଡ଼ିକ ନିର୍ଦ୍ଧାରିତ ତାପମାତ୍ରା ମଧ୍ୟରେ ନେବା ଆଣିବା କରାଯାଇ ଥାଏ । ସଠିକ୍ ତାପମାତ୍ରା ବଜାୟ ରଖିବା ପାଇଁ ସବୁବେଳେ ବିଜୁଳି ଥିବା ଆବଶ୍ୟକ । ତାହା ହେଲେ ଡ଼ିପ୍–ଫ୍ରିଜର୍, ଫ୍ରିଜ୍, ଇତ୍ୟାଦି ଠିକ୍ ଭାବରେ ଥଣ୍ଡା ରଖିପାରିବ । ଲୋକଙ୍କ ପାଖକୁ ପ୍ରାଣୀ ମିତ୍ର, ଭ୍ୟାକ୍‌ସିନ୍–ବାକ୍ସ ଭିତରେ ବରଫ ଖଣ୍ଡ ମଧ୍ୟରେ ଟୀକା ନେଇକି ଯାଆନ୍ତି ।

ନିମ୍ନରେ ଏହା ଚିତ୍ର ମାଧ୍ୟରେ ବୁଝାଗଲା :



(ଖ) ଫ୍ରିଜ୍‌ର ପରିଚାଳନା ବିଷୟରେ :

କ'ଣ କରିବେ ?

- ଫ୍ରିଜ୍ କୁ ଥଣ୍ଡା ଏବଂ ସମତଳ ଜାଗାରେ ରଖନ୍ତୁ
- ଭୋଲ୍‌ଟେଜ୍ – ଷ୍ଟାବିଲାଇଜର୍ ବ୍ୟବହାର କରନ୍ତୁ
- ଭ୍ୟାକ୍‌ସିନ୍ ପାଖରେ ଗୋଟିଏ ଥର୍ମୋମିଟର୍ ରଖି, ଦିନକୁ ଦୁଥର ତାପମାତ୍ରା ଚେକ୍ କରନ୍ତୁ
- ଯଦି ତାପମାତ୍ରା ୨ ରୁ ୮ ଡିଗ୍ରୀ ସେଣ୍ଟିଗ୍ରେଡ୍ ଭିତରେ ରହୁନାହିଁ, ତେବେ ଶୀଘ୍ର ମେକାନିକ୍ ଦ୍ୱାରା ଠିକ୍ କରାନ୍ତୁ
- ଯଦି ବାରମ୍ବାର ବିଜୁଳି କାଟ୍ ହେଉଥାଏ ତେବେ ସୋଲାର କିମ୍ବା ଜେନେରେଟର୍ ବ୍ୟବସ୍ଥା କରନ୍ତୁ
- ବରଫ ପ୍ୟାକ୍ କିମ୍ବା ଖଣ୍ଡ ଯଥେଷ୍ଟ ମାତ୍ରାରେ ତିଆରି କରି ରଖନ୍ତୁ
- ଫ୍ରିଜ୍‌ର ଭିତର ପଟେ ପାଣି ବୋତଲ ରଖନ୍ତୁ
- ବରଫ ଚାମ୍ବରକୁ ମଝି ମଝିରେ ବରଫ ମୁକ୍ତ (De-frost) କରନ୍ତୁ

କ'ଣ କରିବେ ନାହିଁ ?

- ବାରମ୍ବାର ଖୋଲିବା
- ଏକ୍ସପାଏରୀ ଜିନିଷ ରଖିବା
- ଅନ୍ୟାନ୍ୟ ଖାଦ୍ୟ ଏବଂ ପାନୀୟ ସାଙ୍ଗରେ ଭ୍ୟାକ୍ସିନ୍ ରଖିବା
- ଫ୍ରିଜ୍ ଉପରେ ବସିବା ।
- ଅତ୍ୟଧିକ ମାତ୍ରାରେ ଭ୍ୟାକ୍ସିନ୍ ରଖିବା



୧୨. ପ୍ରାଣୀ ମିତ୍ର ମାନଙ୍କ ବିଷୟରେ ।

– ପ୍ରାଣୀ ମିତ୍ରମାନେ ଏସ୍.ଏଚ.ଜି. ମାନଙ୍କ, ପ୍ରାଣୀ ସଂପଦର ବିକାଶ ପାଇଁ ବଛା ହୋଇ ତାଲିମ୍ ପାଇଥାନ୍ତି ।





– ଏମାନେ ଗାଁର ଛେଳି ଏବଂ କୁକୁଡ଼ା ସଂପର୍କିତ ସମସ୍ୟା ପାଇଁ ପ୍ରାଥମିକ ଚିକିତ୍ସା, କୃମିନାଶକର ବ୍ୟବହାର ଏବଂ ଟୀକା କରଣ ଇତ୍ୟାଦି କରିବାରେ ସାହାଯ୍ୟ କରିଥାନ୍ତି ।

– ପ୍ରାଣୀମିତ୍ରମାନେ ପ୍ରାଣୀ ସଂପଦ ସମସ୍ୟାର ସମାଧାନ ପାଇଁ ଗ୍ରାମବାସୀ ଏବଂ ପଶୁ ସଂପଦ ବିଭାଗର ଅଧିକାରୀ ମାନଙ୍କ ସହିତ ସଂପର୍କ ସ୍ଥାପନରେ ସାହାଯ୍ୟ କରିଥାନ୍ତି । କୌଣସି ପ୍ରକାରର ରୋଗର ଚିକିତ୍ସା ପାଇଁ ପ୍ରାଣୀ ଚିକିତ୍ସକ ଏବଂ ପ୍ରାଣୀଧନ ନିରୀକ୍ଷକ ସହିତ ସଂପର୍କ କରିଥାନ୍ତି ।

– ଏମାନଙ୍କ ଦ୍ୱାରା କରାଯାଇଥିବା ସେବା ଓ ସାହାଯ୍ୟ ପାଇଁ ନିର୍ଦ୍ଧାରିତ ପାଉଣା ଗ୍ରାମବାସୀଙ୍କୁ ଦେବାକୁ ପଡ଼ିଥାଏ ।

୧୩. କୁକୁଡ଼ା ବଜାର ବ୍ୟବସ୍ଥା :

ଦେଶୀ କୁକୁଡ଼ାର ର ଚାହିଦା ଥିବାରୁ ପ୍ରାୟତଃ ଆଖପାଖ ଗାଁର ଯୁବକମାନେ ପ୍ରତ୍ୟେକ ଘରୁ କୁକୁଡ଼ା ସଂଗ୍ରହ କରି ହାଟ, ବଜାର କିମ୍ବା ସହରରେ ବିକ୍ରୀ କରି ବେଶ୍ ଦୁଇ ପଇସା ପାଇଥାନ୍ତି । ଅନେକ ସମୟରେ ମହିଳାମାନେ ମଧ୍ୟ ନିକଟସ୍ଥ ହାଟ–ବଜାରରେ କୁକୁଡ଼ା ବେପାରୀ ମାନଙ୍କ ପାଖରେ ବିକ୍ରି କରିଥାନ୍ତି । ଅନେକ ସମୟରେ ଏହା ଓଜନ କରାଯାଇନଥାଏ । ତେଣୁ କୁକୁଡ଼ା ବିକ୍ରି କରିବା ପୂର୍ବରୁ ଭଲ ଭାବରେ ଓଜନ କରି ମୂଲ୍ୟ ନିର୍ଦ୍ଧାରଣ କରନ୍ତୁ ।





୧୪. ଗାଁରେ ମହିଳା କୁକୁଡ଼ା ଚାଷୀ ସଂଗଠନର ଆବଶ୍ୟକତା ।

- କୁକୁଡ଼ା ପାଇଁ ବ୍ୟବହୃତ ଟୀକା କମ ପକ୍ଷେ ୧୦୦ଗୋଟି କୁକୁଡ଼ା ପାଇଁ ଉଦ୍ଦିଷ୍ଟ ।
- ଟୀକା କୁ ଖୋଲିବା ଠାରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ବ୍ୟବହାର କରାଯାଇ ପାରେ । ତେଣୁ କମ୍ କୁକୁଡ଼ା ପାଇଁ କଲେ, ବଳକା ଟୀକା ନଷ୍ଟ ହୁଏ ।
- ନିଜ ଗାଁରେ ତଥା ଆଖପାଖ ଗାଁରେ ଥିବା ୮୦%ରୁ ବେଶୀ କୁକୁଡ଼ାଙ୍କୁ ନିୟମିତ କୃମିନାଶକ ଏବଂ ଟୀକା ଦେବା ଦରକାର । ନଚେତ୍ ଭୂତାଣୁ ଆୟତ୍ତ ହୋଇପାରନ୍ତି ନାହିଁ।
- କମ୍ କିମ୍ବା ସଂପୂର୍ଣ୍ଣ ଟୀକା କରଣ କଲେ ମଧ୍ୟ ପ୍ରାଣୀମିତ୍ରଙ୍କର ପ୍ରାୟ ସମାନ ସମୟ ଖର୍ଚ୍ଚ ହୋଇଥାଏ ।
- ଜଣେ ଅନ୍ୟ ଜଣଙ୍କ ଠାରୁ ଶିଖି ପାରିବେ ।






ପଥେ ପାଠଶାଳା
PATHE PAATHSHAALAA

